# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 September - 2024

### News Editor : Tapan Kumar Moharana

***************************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କର ନାମ ପଞ୍ଜୀକରଣ ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ
- କଟକ ଚଣ୍ଡୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ
- ଚଳିତମାସର ପ୍ରଥମ ୩ଟି ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା

## ସୁଭଦ୍ରା-ପଞ୍ଜୀକରଣ

ରାଜ୍ୟରେ ଆଜିଠାରୁ ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କର ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲ୍ଲାର ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରାଞ୍ଚଳ କାର୍ଯ୍ୟାଳୟ ଏବଂ ମୋ ସେବା କେନ୍ଦ୍ରରେ ବିନାଦେୟରେ ଆବେଦନ କରାଯାଇପାରିବ । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଆବେଦନ ପତ୍ର ପଠାଯାଇଥିବା ଜଣାପଡ଼ିଛି। ଏହି ଯୋଜନା ନେଇ କୌଣସି ବିଭ୍ରାନ୍ତିକର ଖବର ଦ୍ୱାର ପ୍ରଭାବିତ ନ ହେବା ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର **୧୪୬୭୮** ଜାରି କରାଯାଇଛି। ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କରି ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ହିତାଧିକାରୀମାନେ ପାଇପାରିବେ। **ଭଦ୍ରକ** ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମୋଟ ୨ ହଜାର ୪୩୫ଟି ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ଏହି ଆବେଦନପତ୍ର ହିତାଧିକାରୀଙ୍କ ପାଇଁ ଉପଲବ୍ଧ ହେଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## କଟକଚଣ୍ଡୀ ଉନ୍ନତୀକରଣ

କଟକଚଣ୍ଡୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି।  କଟକ ଗସ୍ତରେ ଆସି

ଶ୍ରୀ ସିଂହ ଦେଓ ଆଜି ସକାଳେ ମା' କଟକଚଣ୍ଡୀ ଏବଂ ଗଡଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

## ଫାଇଲେରିଆ ମୁକ୍ତ ଓଡ଼ିଶା

'ଫାଇଲେରିଆ ମୁକ୍ତ ଓଡ଼ିଶା' ପାଇଁ ରାଜ୍ୟ ସରକାର ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବର୍ଷକୁ ଦୁଇଥର ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଜାରି ରହିଛି। ଚଳିତବର୍ଷ ଅଗଷ୍ଟ ମାସ ୧୦ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସ୍ୱାସ୍ଥ୍ୟବିଭାଗର ସୂଚନା ଅନୁଯାୟୀ, ଏହି ଅଭିଯାନରେ ୧୧ଟି ଜିଲ୍ଲାକୁ ସାମିଲ କରାଯାଇ ଔଷଧ ବିତରଣ କରାଯାଇଥିଲା। ଏଥିରେ ୮୬ ପ୍ରତିଶତ ସଫଳତା ମିଳିଥିବା ଜଣାପଡିଛି।

ସୂଚନାଯୋଗ୍ୟ, କେନ୍ଦ୍ରୀୟ ଦଳ ରାଜ୍ୟରେ ଚାଲିଥିବା ଏହି ଅଭିଯାନର ସ୍ଥିତିର ସମୀକ୍ଷା କରିବା ସହ ପ୍ରଶଂସା ମଧ୍ୟ କରିଥିଲେ।

## ଆନନ୍ଦବଜାର-ଶୃଙ୍ଖଳା

ପୁରୀ ଶ୍ରୀମନ୍ଦିର ଆନନ୍ଦବଜାରରେ ଶୃଙ୍ଖଳା ରକ୍ଷା ପାଇଁ ଆଜିଠାରୁ ୨୦ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ମୁତୟନ କରାଯାଇଛି। ତୃତୀୟପକ୍ଷ ଦ୍ୱାରା ନିଯୁକ୍ତ ଏହି କର୍ମଚାରୀମାନେ ୨ଟି ପର୍ଯ୍ୟାୟରେ ଆନନ୍ଦବଜାରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିୟୋଜିତ କରାଯାଇଛି। ଏଥିସହ ବାସୀ ମହାପ୍ରସାଦ ବିକ୍ରି ଓ ପଲିଥିନ୍ ବ୍ୟବହାର ଉପରେ ତୀକ୍ଷ୍ଣ ନଜର ରଖାଯିବ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆନନ୍ଦବଜାରରେ ଶୃଙ୍ଖଳା ଓ ସଂସ୍କାର ନିଆଯିବା ଉପରେ ପଦକ୍ଷେପ ଗ୍ରହଣ କରାଯିବା ସହ କେବଳ ସୁଆର ଓ ମହାସୁଆରମାନଙ୍କ ଦ୍ୱାରା ମହାପ୍ରସାଦ ବିକ୍ରି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ସ୍ୱଚ୍ଛତା ପକ୍ଷ

ରାଜ୍ୟରେ ଆସନ୍ତାକାଲିଠାରୁ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯିବ । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସଫେଇ, ସ୍ୱଚ୍ଛତା ଏବଂ ପରିମଳକୁ ଗୁରୁତ୍ୱ ଦିଆଯିବ । ଆସନ୍ତାକାଲି ଶପଥପାଠ କରାଯିବା ସହ ମଙ୍ଗଳବାର ସ୍ୱଚ୍ଛତା ସଚେତନତା କରାଯିବ । ୪ ଏବଂ ୫ ତାରିଖରେ କମ୍ୟୁନିଟି ଆଉଟ୍‌ରିଚ୍ ଦିବସ ପାଳନ କରାଯିବ । ଏହି ପକ୍ଷ ପାଳନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହେବ ।

## ସାମ୍ବାଦିକ ସ୍ୱାସ୍ଥ୍ୟବୀମା

ରାଜ୍ୟ ସରକାର ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଏକ ବର୍ଷପାଇଁ ନବୀକରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ଏହାର ଅବଧି ଆସନ୍ତା ବର୍ଷ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୭ ହଜାର ୪୧ ଜଣ ସାମ୍ବାଦିକଙ୍କ ବୀମା ନିମନ୍ତେ ରାଜ୍ୟ ସରକାର ବାର୍ଷିକ ପ୍ରିମିୟମ୍ ବାବଦକୁ ୮ କୋଟି ୫୫ ଲକ୍ଷ ୭୬ ହଜାର ୩୧୪ ଟଙ୍କା ବୀମା କମ୍ପାନୀକୁ ପ୍ରଦାନ କରିବେ । ତେବେ

ନୂତନ ଭାବେ ଏହି ଯୋଜନାରେ ପଞ୍ଜୀକରଣ ପାଇଁ ଚଳିତ ମାସ ପ୍ରଥମ ସପ୍ତାହରେ ଦରଖାସ୍ତ ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି ।

## ଜନ ଅଭିଯୋଗ ଶୁଣାଣି ବନ୍ଦ୍

ଚଳିତ ମାସର ପ୍ରଥମ ତିନୋଟି ସୋମବାର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏନେଇ  ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭା ଅଧିବେଶନ ଚାଲିଥିବାରୁ ଆସନ୍ତାକାଲି ଅଭିଯୋଗ ଶୁଣାଣି ବନ୍ଦ ରହିବ। ସେହିପରି ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ଚଳିତ ମାସ ୯ତାରିଖ ଏବଂ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଇଁ ୧୬ତାରିଖ ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।

## କୃଷି କର୍ମଶାଳା

ସ୍ୱଦେଶୀ କୃଷି ସହିତ ସ୍ଥାୟୀ ଏବଂ ପୁନରୁଦ୍ଧାର ପଦ୍ଧତି ସମ୍ପର୍କରେ ଏକ ୪ ଦିନିଆ ଜାତୀୟ କର୍ମଶାଳା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଗତମାସ ୨୭ରୁ  ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି କର୍ମଶାଳାରେ ଭାରତୀୟ ଜ୍ଞାନ ପ୍ରଣାଳୀକୁ ଆଧୁନିକ କୃଷି ପଦ୍ଧତିରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମଶାଳାରେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଛନ୍ତି, ଭାରତୀୟ ଜ୍ଞାନ, ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷିତ ରଖିବାରେ ଦେଶୀ କୃଷିର ଗୁରୁତ୍ୱପୂର୍ଣ୍ଣ

ଭୂମିକା ରହିଛି । ପାରମ୍ପରିକ ରାସାୟନିକ ପଦ୍ଧତି  ଅପେକ୍ଷା ପ୍ରାକୃତିକ ଚାଷ ବେଶ୍ ହିତକାରୀ ବୋଲି ସେ କହିଛନ୍ତି । ଦେଶୀ ଚାଷକୁ ଗ୍ରହଣ କରି ପ୍ରକୃତି ସହିତ ନିବିଡ ସମ୍ପର୍କ ରଖିବା ସହ ସ୍ୱାବଲମ୍ବୀ ହେବାକୁ  ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ପରଲୋକ

ସମ୍ବଲପୁରର ପୂର୍ବତନ ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ଅଶ୍ୱିନୀ ଗୁରୁଙ୍କର ଆଜି ହୃଦ୍‌ଘାତରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା । ୧୯୮୦ ରୁ ୮୫ ପର୍ଯ୍ୟନ୍ତ ସ୍ୱର୍ଗତଃ ଗୁରୁ ବିଧାୟକ ଥିଲେ । ୨୦୧୮ ରୁ ୨୨ ପର୍ଯ୍ୟନ୍ତ ସମ୍ବଲପୁର କଂଗ୍ରେସର ଜିଲ୍ଲା ସଭାପତି ଓ ଏଆଇସିସିର ସଦସ୍ୟ ମଧ୍ୟ ରହିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଶ୍ୱିନୀ ଗୁରୁଙ୍କ ବିୟୋଗରେ ଦୁଃଖପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ଗୁରୁଙ୍କ ବିୟୋଗରେ ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି,  ଜନପ୍ରତିନିଧି ଭାବରେ ସମ୍ବଲପୁର ପ୍ରତି ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇରହିବ ।

## ଡିଜିଟାଲ୍ ଶସ୍ୟ ସର୍ଭେ

**ଗଞ୍ଜାମ** ଜିଲ୍ଲା ଚମାଖଣ୍ଡିଠାରେ ହେଉଥିବା **ଡିଜିଟାଲ କ୍ରପ୍ ସର୍ଭେ** କାର୍ଯ୍ୟକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ତଦାରଖ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିବା ସହ ଚାଲିଥିବା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ବଣୁଆହାତୀ-ଫସଲ ନଷ୍ଟ

**ସୁବର୍ଣ୍ଣପୁର** ଜିଲ୍ଲା ବୀରମହାରାଜପୁର ବନାଞ୍ଚଳ ଅନ୍ତର୍ଗତ ହାତୀଲିମୁଣ୍ଡା ଓ ଦୂରଦୂରା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବଣୁଆ ହାତୀପଲ୍ଲଙ୍କ ଯୋଗୁଁ ବ୍ୟାପକ ଫସଲ ହାନୀ ହୋଇଥିବା ଅଭିଯୋଗ ହୋଇଛି। ଗତ ୨ ଦିନ ଧରି ହାତୀପଲ୍ଲ ଜଙ୍ଗଲର ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକରେ ଫସଲ ନଷ୍ଟ କରିଥିବା ଜଣାପଡିଛି। ଗରିଆମୁଣ୍ଡା ଓ ଠାକୁରପୁର ଗାଁରେ ମଧ୍ୟ କେତେକ ଚାଷଜମି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଖବର ପାଇ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ କର୍ମଚାରୀମାନେ ହାତୀପଲ୍ଲକୁ ଜଙ୍ଗଲଆଡକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ସମ୍ମିଳନୀ

**ନବରଙ୍ଗପୁର** ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗତକାଲି ସାଂସଦ ବଳଭଦ୍ର ମାଝୀ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏହି ଅବସରରେ ଉପସ୍ଥିତ ରହି ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାରେ ଦାଦନ ରୋକିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇଥିଲା। ଜୀବନ

ଜୀବିକା ମିଶନ ଅଧିନରେ ୭ଟି ପଞ୍ଚାୟତରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଜୁରୀ ତ୍ୱରିତ ପ୍ରଦାନ କରିବା ଉପରେ ଦୃଷ୍ଟି ଦେବାକୁ ସାଂସଦ ଶ୍ରୀ ମାଝୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବିଚାରାଧୀନ ମାମଲା

ରାଜ୍ୟର ବିଭିନ୍ନ ନ୍ୟାୟାଳୟରେ ୧୯ ଲକ୍ଷ ୨୨ ହଜାର ୫୮୫ଟି ମାମଲା ବିଚାର ଅପେକ୍ଷାରେ ରହିଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ଏହି ବିଚାରାଧୀନ ମାମଲା ମଧ୍ୟରୁ ୧୫ ଲକ୍ଷରୁ ଅଧିକ ଅପରାଧିକ ଓ ୩ ଲକ୍ଷରୁ ଅଧିକ ଅନ୍ୟାନ୍ୟ ମାମଲା ବୋଲି ଜଣାପଡ଼ିଛି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୬ ହଜାର ୩୯୭ଟି ମାମଲା ବିଚାର ଅପେକ୍ଷାରେ ରହିଛି ।

## ବର୍ଷା ଜଳ

**ମାଲକାନଗିରି** ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ କାଙ୍ଗୁରୁକୋଣ୍ଡା ଓ କନ୍ୟାଶ୍ରମ ପୋଲ ଉପରେ ଆଜି ସକାଳେ ବର୍ଷାଜଳ ପ୍ରବାହିତ ହେବା ଯୋଗୁଁ ସଦର ମହକୁମାଠାରୁ କାଲିମେଲା ଓ ପଡିଆ ବ୍ଲକ୍ ସହ ଯୋଗାଯୋଗ ବିଚ୍ଛିନ୍ନ ରହିଥିଲା। ତେବେ ମଧ୍ୟାହ୍ନରେ ଜଳ ସାମାନ୍ୟ ହ୍ରାସ ପାଇବା ଯୋଗୁଁ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଛି।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗତକାଲି ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ଆଜି ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା

ସମ୍ଭାବନା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଓ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

**********************************